The Odisha Gazette

EXTRAORDINARY

PUBLISHED BY AUTHORITY

No. 196 CUTTACK, TUESDAY, JANUARY 22, 2019/MAGHA 2, 1940

## ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

### ଘୋଷଣା

ତାରିଖ 4 ଜାନୁଆରୀ 2019

ସଂଖ୍ୟା 01115—L.A.-127-JAJ-RRCS.—ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ (୧) ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ୍‌ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା ପାରିଆ, ଥାନା ବଡଚଣା, ତହସିଲ ଦର୍ପଣ, ଜିଲ୍ଲା ଯାଜପୁରରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଦର୍ପଣୀ କେନାଲ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୪୩୩, ତା ୬ ଜୁଲାଇ ୨୦୧୮ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା ପାରିଆ, ଥାନା ବଡଚଣା, ଜିଲ୍ଲା ଯାଜପୁର ନିମନ୍ତେ ବିସ୍ଥାପିତ ପରିବାର ଥିବାରୁ କମିଶନର ପୁନର୍ବାସ ଓ ଥଇଥାନଙ୍କ ଦ୍ୱାରା ଧାରା ୧୭(୨) ଅନୁସାରେ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନାର ସାରମର୍ମ ଏଥି ସହିତ ସଂଲଗ୍ନ କରାଗଲା ।

କିମ୍ୱା

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା ପାରିଆ, ଥାନା ବଡଚଣା, ଜିଲ୍ଲା ଯାଜପୁରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇ ନାହିଁ ।

ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ କରାଯାଇଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ମଣ୍ଡଳ ଅଧିକାରୀ, ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ, କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

**ତଫସିଲ–'କ'**

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା : ଯାଜପୁର ତହସିଲ : ଦର୍ପଣ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପାରିଆ | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ସଂଲଗ୍ନ | ୭.୦୨୦ | ୩.୩୬୦ | ସଂଲଗ୍ନ |

- ଉକ୍ତ ଅଧିସୂଚୀତ ଜମି ରକବା ମଧ୍ୟରୁ .......... ଏକର ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉର୍ଦ୍ଦିଷ୍ଟ ।

**ତଫସିଲ–'ଖ'**

(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା : ଯାଜପୁର ତହସିଲ : ଦର୍ପଣ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ/ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ : ୨୮–୦୭–୨୦୧୮

**ଭୂମି ଅନୁସୂଚୀ**

| ଖତିୟାନର ନମ୍ବର (୧) | ପ୍ଲଟ୍ ନମ୍ବର (୨) | ମୋଟ ରକବା (୩) ଏକର | ଅର୍ଜିତ ରକବା (୪) ଏକର | ରୟତଙ୍କ ନାମ ଏବଂ ପିତା/ସ୍ୱାମୀଙ୍କ ନାମ (୫) |
|---|---|---|---|---|
| ୩୦ | ୧୪୨ | ୦.୬୭୦ | ୦.୦୬୦ | ଚୈତନ୍ୟ ଦେହୁରୀ, ପି. ମନ୍ଦର ଦେହୁରୀ |
| ୩୭ | ୧୨୬/୭୦୦ | ୨.୯୫୦ | ୧.୯୬୦ | ଯୁଗଳ ଦେହୁରୀ, ପି. ବରଜ ଦେହୁରୀ |
| ୭୪ | ୭୫ | ୦.୫୧୦ | ୦.୩୪୦ | ବିକ୍ରମ ବିଶ୍ୱାଳ, ନଳିନୀକାନ୍ତ, ପି. ପଦ୍ମଲୋଚନ ବିଶ୍ୱାଳ, ଓଗେର |
| ୮୧ | ୧୪୧ | ୦.୭୭୦ | ୦.୪୮୦ | ମଙ୍ଗଲ ସାଇଆଁ, ପି. ପାଟକା ମଙ୍ଗଲ ସାଇଆଁ |
| ୧୦୮ | ୧୨୬/୭୦୧ | ୧.୧୭୦ | ୦.୨୯୦ | ଶ୍ୟାମ ଦେହୁରୀ, ପି. ସୁବୋଧ ଦେହୁରୀ, ଓଗେର |
| ୧୧୦ | ୮୬/୭୦୩ | ୦.୯୫୦ | ୦.୨୩୦ | ଶ୍ରୀ ବଦରା, ପି. ଚକରା |
| | **ମୋଟ . .** | **୭.୦୨୦** | **୩.୩୬୦** | |

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

**ରଞ୍ଜନ କୁମାର ଦାସ**

ଜିଲ୍ଲାପାଳ, ଯାଜପୁର

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 2147–173+20